## ନିର୍ବାଚନ ସଂପର୍କିତ କୌଣସି କାର୍ଯ୍ୟକଳାପରେ
## ରାଜନୈତିକ ଦଳ/ ପ୍ରାର୍ଥୀଙ୍କ ଦ୍ୱାରା ଶିଶୁମାନଙ୍କୁ ନିୟୋଜିତ କରିବା ଉପରେ ନିଷେଧାଦେଶ

ଭୁବନେଶ୍ୱର,୨୮/୦୪/୨୦୨୪:

ନିର୍ବାଚନ ସଂପର୍କିତ କୌଣସି ପ୍ରକାର କାର୍ଯ୍ୟକଳାପରେ କୌଣସି ରାଜନୈତିକ ଦଳ/ପ୍ରାର୍ଥୀମାନଙ୍କ ଦ୍ୱାରା ଶିଶୁମାନଙ୍କୁ ନିୟୋଜିତ କରିବା ଉପରେ ଭାରତ ନିର୍ବାଚନ ଆୟୋଗ ନିଷେଧାଦେଶ ଜାରି କରିଛନ୍ତି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ନିକୁଞ୍ଜ ବିହାରୀ ଧଳ ପ୍ରକାଶ କରିଛନ୍ତି । ଏହି ମର୍ମରେ ବିଭିନ୍ନ ରାଜନୈତିକ ଦଳ/ପ୍ରାର୍ଥୀମାନଙ୍କ ଦ୍ୱାରା ଶୋଭାଯାତ୍ରା, ପ୍ରଚାର ଆଦି କାର୍ଯ୍ୟରେ ଶିଶୁମାନଙ୍କୁ ନିୟୋଜିତ କରାଯାଉଥିବା ନେଇ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଅନେକ ଅଭିଯୋଗ ହସ୍ତଗତ ହୋଇଥିବା ପରିପ୍ରେକ୍ଷୀରେ ଶିଶୁମାନଙ୍କୁ କୌଣସି ନିର୍ବାଚନ ସଂପର୍କିତ କାର୍ଯ୍ୟକଳାପରେ ନିୟୋଜିତ ନକରିବା ପାଇଁ ଏବଂ ଭାରତ ନିର୍ବାଚନ ଆୟୋଗଙ୍କ ନିୟମାବଳୀ ମାନିବାକୁ ରାଜ୍ୟର ସମସ୍ତ ସ୍ୱୀକୃତିପ୍ରାପ୍ତ ଜାତୀୟ ଏବଂ ରାଜ୍ୟସ୍ତରୀୟ ରାଜନୈତିକ ଦଳ, ସ୍ୱୀକୃତିପ୍ରାପ୍ତ ଅଣପଂଜୀକୃତ ରାଜନୈତିକ ଦଳର ସଭାପତି/ସଂପାଦକ (କର୍ତ୍ତୃପକ୍ଷ)ଙ୍କୁ ଅବଗତ କରାଯାଇଛି ବୋଲି ଶ୍ରୀ ଧଳ କହିଛନ୍ତି ।

ଉପରୋକ୍ତ ପ୍ରସଙ୍ଗରେ ନିର୍ବାଚନ କାର୍ଯ୍ୟକଳାପରେ ଶିଶୁମାନଙ୍କୁ ନିୟୋଜିତ କରିବା ସଂପର୍କରେ ମାନ୍ୟବର ବମ୍ବେ ହାଇକୋର୍ଟ ୪ ଅଗଷ୍ଟ ୨୦୧୪ ମସିହାରେ ୨୦୧୨ ମସିହାରେ ଦରଜ ପିଆଇଏଲ୍ ନଂ ୧୨୭ (ଚେତନ ରାମିଆଲ ଭୁତଡ଼ା ବନାମ ଷ୍ଟେଟ୍ ଅଫ୍ ମହାରାଷ୍ଟ୍ର ଆଣ୍ଡ ଅଦର୍ସ) ମାମଲାରେ ପ୍ରଦାନ କରିଥିବା ରାୟରେ କୌଣସି ରାଜନୈତିକ ଦଳ ନାବାଳକ ଶିଶୁମାନଙ୍କୁ କୌଣସି ନିର୍ବାଚନ କାର୍ଯ୍ୟକଳାପରେ ଅଂଶଗ୍ରହଣକୁ ବାରଣ କରିବାକୁ ସୁନିଶ୍ଚିତ କରିବା ପ୍ରସଙ୍ଗ ଭାରତ ନିର୍ବାଚନ ଆୟୋଗ ଜଣାଇଛନ୍ତି ।

ଶିଶୁମାନଙ୍କୁ କୌଣସି ପ୍ରକାର ନିର୍ବାଚନ ସଂକ୍ରାନ୍ତୀୟ କାର୍ଯ୍ୟକଳାପରେ ନିୟୋଜିତ କରିବା ଉପରେ ଆୟୋଗ ସବୁବେଳେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଆସିଛନ୍ତି ଏବଂ ଏହି ମର୍ମରେ ସମୟାନୁଯାୟୀ ନିର୍ଦ୍ଦେଶନାମା ଜାରି କରିବା ସହ ଅନୁପାଳନ ପାଇଁ ସମସ୍ତ ରାଜନୈତିକ ଦଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଭାରତ ନିର୍ବାଚନ ଆୟୋଗ ଜାରି କରିଥିବା ନିର୍ଦ୍ଦେଶନାମା ଅନୁଯାୟୀ ମୁଖ୍ୟତଃ ୧) ସମସ୍ତ ରାଜନୈତିକ ଦଳ/ ପ୍ରାର୍ଥୀ ଶିଶୁମାନଙ୍କୁ କୌଣସି ପ୍ରକାର ନିର୍ବାଚନ ସଂପର୍କିତ କାର୍ଯ୍ୟରେ ନିୟୋଜନ କରିବାରୁ ନିବୃତ୍ତ ରହିବେ ଏବଂ ଶିଶୁଶ୍ରମିକ ପ୍ରତିରୋଧ ଓ ନିୟନ୍ତ୍ରଣ ଆଇନ ଉଲ୍ଲଂଘନ କରିବେ ନାହିଁ ।

୨) ସମସ୍ତ ରାଜନୈତିକ ଦଳ/ ପ୍ରାର୍ଥୀ/ ନିର୍ବାଚନ ଏଜେଣ୍ଟ/ କାଉଣ୍ଟିଂ ଏଜେଣ୍ଟ ନିର୍ବାଚନ ସମୟରେ ନେସ୍‌ନାଲ କମିଶନ୍ ଫର ପ୍ରୋଟେକସନ୍ ଅଫ୍ ଚାଇଲ୍ଡ ରାଇଟ୍ (ଏନ୍‌ସିପିସିଆର୍)ର ପ୍ରଚଳିତ ନିୟମ ମାନିବେ ।

୩) ରାଜନୈତିକ ଦଳମାନେ କୌଣସି ପ୍ରକାର ନିର୍ବାଚନ ପ୍ରଚାର, ଭୋଟ ପାଇଁ ପ୍ରବର୍ତ୍ତାଇବା, ଶୋଭାଯାତ୍ରା, ପଦଯାତ୍ରା, ପୋଷ୍ଟର/ ପାମ୍ପଲେଟ୍ ବଣ୍ଟନ, ସ୍ଲୋଗାନ୍‌ବାଜି, ପ୍ରଚାର ଶୋଭାଯାତ୍ରା, ନିର୍ବାଚନ ସଭା ଇତ୍ୟାଦିରେ ଶିଶୁମାନଙ୍କୁ ବ୍ୟବହାର କରିବା ଅନୁଚିତ ।

ଏତଦ୍‌ବ୍ୟତୀତ କାଖରେ ଶିଶୁ ଧରିବା, ଗାଡ଼ିରେ ଶିଶୁ ନେବା ଓ ଶିଶୁଙ୍କୁ ନିର୍ବାଚନ ପ୍ରଚାର/ ଶୋଭାଯାତ୍ରା ଇତ୍ୟାଦିରେ ବ୍ୟବହାର କରିବା ନିୟମାବଳୀର ଉଲ୍ଲଂଘନ ବୋଲି ଧରାଯିବ । ପୁନଶ୍ଚ ଶିଶୁମାନଙ୍କ ଦ୍ୱାରା ନିର୍ବାଚନ ପ୍ରଚାର ଅନୁରୂପ କାର୍ଯ୍ୟ ଯଥା- କୌଣସି ଦଳ/ ପ୍ରାର୍ଥୀଙ୍କ ସପକ୍ଷରେ କହିବା, ଗୀତ/କବିତା ବୋଲିବା, କୌଣସି ରାଜନୈତିକ ଦଳ/ ପ୍ରାର୍ଥୀଙ୍କ ଚିହ୍ନ ପ୍ରଦର୍ଶନ କରିବା, ରାଜନୈତିକ ଦଳର ଆଦର୍ଶ ପ୍ରଦର୍ଶନ କରିବା, କୌଣସି ରାଜନୈତିକ ଦଳର ସଫଳତାକୁ ପ୍ରୋତ୍ସାହନ ଦେବା କିମ୍ବା ବିପକ୍ଷ ରାଜନୈତିକ ଦଳ/ ପ୍ରାର୍ଥୀଙ୍କୁ ସମାଲୋଚନା କରିବା ଉଚିତ ନୁହେଁ ।

ଯଦି ରାଜନୈତିକ ଦଳର ନେତାଙ୍କ ନିକଟରେ ମାଆ/ ବାପା/ ଅଭିଭାବକଙ୍କ ସାଥୀରେ ଶିଶୁ ଥିବ କିମ୍ବା ମାଆ/ବାପା/ଅଭିଭାବକଙ୍କ କୋଳରେ ଶିଶୁ ଥିବ କିନ୍ତୁ କୌଣସି ରାଜନୈତିକ ଦଳର ନିର୍ବାଚନ ସଂପର୍କିତ ପ୍ରଚାର କାର୍ଯ୍ୟରେ ସଂପୃକ୍ତ ନଥିବ ସେ କ୍ଷେତ୍ରରେ ଏହା ନିୟମାବଳୀର ଉଲ୍ଲଂଘନ ବୋଲି ଧରାଯିବ ନାହିଁ ।

ଉପରୋକ୍ତ ନିୟମାବଳୀ ଦୃଷ୍ଟିରୁ ରାଜ୍ୟର ସମସ୍ତ ରାଜନୈତିକ ଦଳ/ ପ୍ରାର୍ଥୀଙ୍କୁ ଭାରତ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶନାମା ଅନୁଯାୟୀ କୌଣସି ପ୍ରକାରର ନିର୍ବାଚନ ସଂପର୍କିତ କାର୍ଯ୍ୟାବଳୀରେ ଶିଶୁମାନଙ୍କୁ ସଂପୃକ୍ତ ନକରାଇବାକୁ ରାଜ୍ୟର ସମସ୍ତ ସ୍ୱୀକୃତିପ୍ରାପ୍ତ ଜାତୀୟ/ ରାଜ୍ୟସ୍ତରୀୟ ରାଜନୈତିକ ଦଳ ଏବଂ ସ୍ୱୀକୃତିପ୍ରାପ୍ତ ଅଣପଂଜୀକୃତ ଦଳମାନଙ୍କୁ ଅବଗତ କରାଯାଇଛି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଧଳ ପ୍ରକାଶ କରିଛନ୍ତି ।

ସଂଜୀବ ବାରିକ
ଲୋକସମ୍ପର୍କ ଅଧିକାରୀ